# ପ୍ରଶାନ୍ତ
## ତାରିଖ: ୧୪.୦୧.୨୦୨୩

# ପୁସ୍ତକକୁ ଭଲ ସାଥୀଟିଏ କଲେ ଜ୍ଞାନୀ, ଗୁଣୀ ଓ ବିଜ୍ଞ ହେବ



ଭୁବନେଶ୍ୱର, ୧୩ା୦୧ (ନିପ୍ର) : ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର। ପୁସ୍ତକକୁ ଭଲ ସାଥୀଟିଏ କଲେ ଛାତ୍ରଛାତ୍ରୀ ଜ୍ଞାନୀ, ଗୁଣୀ ଓ ବିଜ୍ଞ ହୋଇ ପାରିବେ। ବର୍ତ୍ତମାନର ଦୃତ ପ୍ରଗତି ଡିଜିଟାଲ ଯୁଗରେ ବିଦ୍ୟାର୍ଥୀମାନେ ଡିଜିଟାଲ ଅଧ୍ୟୟନରେ ଲିପ୍ତ। ଏହି କ୍ଷଣସ୍ଥାୟୀ ପ୍ରକ୍ରିୟାରେ କମ୍ ସଂଖ୍ୟକ ସଫଳତା ପାଉଥିଲା ବେଳେ ବହୁ ବିଫଳଗାମୀ ହୋଇ କୁପଥରେ ଯାଉଛନ୍ତି। ତେଣୁ ଡିଜିଟାଲ ପୁସ୍ତକ ଅପେକ୍ଷା ମୁଦ୍ରିତ ପୁସ୍ତକକୁ ଆପଣାର କରିବା ସହିତ ଅଧ୍ୟୟନ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି ଆଜି ବିଆଇଟିଏମ କ୍ୟାମ୍ପସରେ ଅନୁଷ୍ଠିତ ପୁସ୍ତକ ପଦର୍ଶନୀରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଆଜି ପଟିଆ ସ୍ଥିତ ବିଆଇଟିଏମ କ୍ୟାମ୍ପସ ପରିସରରେ ଗ୍ରନ୍ଥାକାରିକ ବୀରକିଶୋର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୁସ୍ତକ ପଦଶର୍ନୀରେ ବିଶିଷ୍ଟ ଅତିଥି ଭାବେ ଅଧ୍ୟକ୍ଷ ଡା ମିହିର ରଞ୍ଜନ ନାୟକ, ପରାମର୍ଶଦାତା ଇଂ ପି ଆର ପଟ୍ଟନାୟକ, ଡିନ୍ ଡା ଅଶୋକ କୁମାର ରଥ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ଆଜିର ଦୃତ ଗତିଶୀଳ ଡିଜିଟାଲ ପରିବେଶରେ ମୁଦ୍ରିତ ପୁସ୍ତକର ମହତ୍ୱକୁ ପ୍ରେରଣା ଓ ପ୍ରୋତ୍ସାହିତ କରିବା ପାଇଁ କଲେଜ ପକ୍ଷରୁ ଏହି ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଶିକ୍ଷକ ଯୋଗଦାନ କରିଥିଲେ।